# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 February - 2026

*********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଗସ୍ତର ତୃତୀୟ ଦିନରେ ଶ୍ୱେତଗଙ୍ଗା ପୁଷ୍କରିଣୀରେ ରାଷ୍ଟ୍ରପତି ପିତୃପୁରୁଷଙ୍କୁ ପିଣ୍ଡଦାନ ସହ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ କଲେ ଦର୍ଶନ

– ରାଇରଙ୍ଗପୁର ଏସ୍.ଏସ୍.ଡି ହାଇସ୍କୁଲର ପ୍ଲାଟିନମ୍ ଜୟନ୍ତୀରେ ଛାତ୍ରଛାତ୍ରୀଙ୍କ ସହ କଲେ ଭାବବିନିମୟ

- ରାଜସ୍ୱ ସେବା 'ହ୍ୱାଟ୍ସଆପ୍'ରେ ଉପଲବ୍ଧ ହେବ; କହିଲେ ରାଜସ୍ୱ ମନ୍ତ୍ରୀ

– ଆସନ୍ତାକାଲି ଏହି ସେବାକୁ ଉନ୍ମୋଚନ କରିବେ ମୁଖ୍ୟମନ୍ତ୍ରୀ

- ଶିଶୁ ବାଟିକାର ପିଲାମାନଙ୍କୁ ମାଗଣା ପୋଷାକ ଓ ଆନୁଷଙ୍ଗିକ ସାମଗ୍ରୀକ ବଣ୍ଟନ ଶେଷ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଓସେପାର ନିର୍ଦ୍ଦେଶ

ଏବଂ

- 'ଅନନ୍ୟତାରେ ଏକତା'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ କର୍କଟ ଦିବସ

BBSR/V/Puri

# ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ

ଛଅ ଦିନିଆ ଓଡ଼ିଶା ଗସ୍ତର ତୃତୀୟ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ପୁରୀସ୍ଥିତ ଶ୍ୱେତଗଙ୍ଗାରେ ନିଜ ପିତୃପୁରଷଙ୍କୁ ପିଣ୍ଡଦାନ କରିଛନ୍ତି । ପରେ ଶ୍ରୀମନ୍ଦିର ଯାଇ ଶ୍ରଜୀଉଙ୍କୁ ଦର୍ଶନ କରିଛନ୍ତି । ପୁରୀ ଲୋକଭବନରୁ କଡ଼ା ସୁରକ୍ଷା ମଧ୍ୟରେ ରାଷ୍ଟ୍ରପତି ଶ୍ୱେତଗଙ୍ଗା ପୁଷ୍କରିଣୀକୁ ଯାଇଥିଲେ। ପିଣ୍ଡଦାନ ପରେ ଶ୍ରୀମନ୍ଦିର ସମ୍ମୁଖରେ ରାଷ୍ଟ୍ରପତିଙ୍କୁ ଗଜପତି ମହାରାଜା ସ୍ୱାଗତ କରିଥିଲେ । ଶ୍ରୀଜୀଉଙ୍କ ଅବକାଶ ନୀତି ପରେ ମହାପ୍ରଭୁଙ୍କୁ ଗର୍ଭଗୃହରେ ଶ୍ରୀମତୀ ମୁର୍ମୁ ଦର୍ଶନ କରି ଶ୍ରୀମନ୍ଦିରରେ ୪୫ ମିନିଟ୍‌ରୁ ଅଧିକ ସମୟ ଅତିବାହିତ କରିଥିଲେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ, ସୁନାବେଶରେ ପଟ୍ଟଚିତ୍ର ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ରାଷ୍ଟ୍ରପତି ତାଙ୍କ ପୁରୀ ଗସ୍ତ ଶେଷ କରି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ପହଁଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏସ୍.ଏସ୍.ଡି. ହାଇସ୍କୁଲର ପ୍ଲାଟିନମ୍ ଜୟନ୍ତୀ ସମାରୋହରେ ଯୋଗଦେଇ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ସହ ଭାବିନିମୟ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଓଡ଼ିଶାର ପ୍ରଥମ ଆଦିବାସୀ ମନ୍ତ୍ରୀ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ପରେ ରାଇରଙ୍ଗପୁର କଲେକ୍ଟୋରେଟ ଷ୍ଟାଡିୟମରେ ଶ୍ରୀମତୀ ମୁର୍ମୁ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ମହୁଲଡିହାରେ ଏକ ନବନିର୍ମିତ  ଗୃହ,  ତୀରନ୍ଦାଜୀ କେନ୍ଦ୍ର, ଆୟୁଷ କେନ୍ଦ୍ର ଓ ସହରୀ ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି।

Desk

## ରାଜସ୍ୱ ସେବା– ହ୍ୱାଟ୍ସଆପ୍

ରାଜସ୍ୱ ସେବା ବର୍ତ୍ତମାନ ହ୍ୱାଟ୍ସ ଆପ୍‌ରେ ଉପଲବ୍ଧ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଜମିଜମା ବାବଦର ସମସ୍ତ ଅଭିଯୋଗ ଓ ଆବେଦନ ହ୍ୱାଟ୍ସଆପ୍ ମାଧ୍ୟମରେ ଗ୍ରହଣ କରାଯିବ। ସମୟସୀମା ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଏହି ସେବା ଦ୍ୱାରା ଦୁର୍ନୀତି ବନ୍ଦ ହେବା ସହ ତହସିଲ ଅଫିସକୁ ବାରମ୍ବାର ଯିବାକୁ ପଡ଼ିବ ନାହିଁ।

**- V/O -**

ଜନସାଧାରଣଙ୍କ କାର୍ଯ୍ୟ ନ ହେଲେ ବିଭାଗୀୟ ମନ୍ତ୍ରୀଙ୍କୁ ହ୍ୱାଟସଆପ୍ ମାଧ୍ୟମରେ ଅଭିଯୋଗ କରିପାରିବେ। ଦୁର୍ନୀତି ଅଭିଯୋଗ ଆସିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଆସନ୍ତାକାଲି ଏହି ହ୍ୱାଟ୍ସଆପ୍ ସେବାକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି।

Desk

## କାରାଭ୍ୟାନ୍ ଟୁରିଷ୍ଟ ସେବା

ରାଜ୍ୟରେ ଅତ୍ୟାଧୁନିକ କାରାଭ୍ୟାନ୍ ଟୁରିଷ୍ଟ ସେବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଶୁଭାରମ୍ଭ କରିଛନ୍ତି। ଧଉଳି ପର୍ଯ୍ୟଟନ କ୍ଷେତ୍ରରେ ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରି ଶ୍ରୀମତୀ ପରିଡ଼ା କହିଛନ୍ତି, ଏହି କାରାଭ୍ୟାନ୍ ପର୍ଯ୍ୟଟନ କ୍ଷେତ୍ରକୁ ଲୋକମାନଙ୍କୁ ଆକର୍ଷିତ କରିବ। ହୀରାକୁଦ, ଦେବ୍ରୀଗଡ଼, ଶିମିଳିପାଳ, ଚିଲିକା, ଭିତରକନିକା, ସାତକୋଶିଆ ଓ ଦେଓମାଳି ପର୍ଯ୍ୟଟନ କ୍ଷେତ୍ରରେ ଏହା ଉପଲବ୍ଧ ହେବ। ଏହି କାରାଭ୍ୟାନ୍‌ରେ ଶୌଚାଳୟ, ଶୋଇବା ବ୍ୟବସ୍ଥା ଓ ରୋଷଶାଳାର ମଧ୍ୟ ବ୍ୟବସ୍ଥା କରାଯାଇଛି।

HS

## ଜଙ୍ଗଲ ନିଆଁ ବୈଠକ

ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଜଙ୍ଗଲ ନିଆଁ ନିୟନ୍ତ୍ରଣ ରୋକିବା ପାଇଁ ରାଜ୍ୟ ବନ ବିଭାଗ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଆବଶ୍ୟକସ୍ଥଳେ ଜଙ୍ଗଲ ନିଆଁ ଉପରେ ନଜର ରଖିବା ପାଇଁ ମିନି ଡ୍ରୋନ୍ ବ୍ୟବହାର କରାଯାଉଛି ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ କେ.ମୁରୁଗେସନ କହିଛନ୍ତି। ଶିମିଳିପାଳ ଓ ରାଉରକେଲାରେ କ୍ୟାମେରା ଦ୍ୱାରା ଜଙ୍ଗଲ ନିଆଁ ଉପରେ ଦୃଷ୍ଟି ରଖାଯିବ। ଆବଶ୍ୟକସ୍ଥଳେ ମିନି ଡ୍ରୋନ୍ ବ୍ୟବହାର କରାଯାଉଛି। ୩୩୬ଟି ଗାଁରେ ଜଙ୍ଗଲ ନିଆଁକୁ ରୋକିବା ପାଇଁ ବିଭାଗ ପକ୍ଷରୁ ସଚେତନ କରାଯାଇଛି। ୨୦୦ ଏନ୍.ଡି.ଆର.ଏଫ୍. କର୍ମଚାରୀଙ୍କୁ ମଧ୍ୟ ଏଥିନିମନ୍ତେ ବିଶେଷ ପ୍ରଶିକ୍ଷଣ ଦିଆଯାଇଛି। ଜଙ୍ଗଲ ନିଆଁ ଆୟତ୍ତ ପାଇଁ ୨୦ ହଜାର ୪୬୧ ଫାୟାର ଲାଇନ୍ ସୃଷ୍ଟି କରାଯାଇଛି

ବୋଲି ଶ୍ରୀ ମୁରୁଗେସନ କହିଛନ୍ତି। ଜଙ୍ଗଲ ନିଆଁ ଦୃଷ୍ଟିକୁ ଆସିଲେ ୧୮୦୦-୩୪୫୭-୧୫୮ ନମ୍ବରରେ କଲ୍ କରିବାକୁ ଲୋକମାନଙ୍କୁ ଅନୁରୋଧ କରାଯାଇଛି। ଜାଣିଶୁଣି ନିଆଁ ଲଗାଇଲେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

Desk

## ମାଗଣା ପୋଷାକ

ରାଜ୍ୟର ଶିଶୁ ବାଟିକା ପିଲାମାନଙ୍କୁ ମାଗଣା ପୋଷାକ ଏବଂ ଆନୁଷଙ୍ଗିକ ସାମଗ୍ରୀ ବଣ୍ଟନ ଶେଷ କରିବାକୁ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ– ଓସେପା' ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ପ୍ରତି ଶିଶୁ ପିଛା ୧ ହଜାର ଟଙ୍କା ହିସାବରେ ପାଣ୍ଠି ମଞ୍ଜୁର କରାଯାଇଛି। ଏଥିରେ ପ୍ରତି ଛାତ୍ରଛାତ୍ରୀଙ୍କୁ ଦୁଇ ହଳ ପୋଷାକ, ଜୋତା, ମୋଜା, ଟି-ସାର୍ଟ, ଟ୍ରାକ ପ୍ୟାଣ୍ଟ ଏବଂ ପରିଚୟପତ୍ର ପ୍ରଦାନ କରାଯିବ। ପ୍ରଥମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମିଳୁଥିବା ୟୁନିଫର୍ମ ହିସାବରେ ପୋଷାକଗୁଡ଼ିକର ରଙ୍ଗ, ଡିଜାଇନ ଏବଂ ଗୁଣବତ୍ତା ରହିବ। ସ୍ୱଚ୍ଛତା ବଜାୟ ରଖିବା ପାଇଁ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ସ୍ୱୟଂସହାୟକ ଗୋଷ୍ଠୀ କିମ୍ବା ପୁରୁଣା ସଂସ୍ଥାଗୁଡ଼ିକ ମାଧ୍ୟମରେ ଏହି ସାମଗ୍ରୀ ସଂଗ୍ରହ କରାଯିବ।

BHK/HS

## ପୂଣ୍ୟତିଥି-ମଧୁବାବୁ

ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତୀୟତାର ଜନକ ତଥା ନବଜାଗରଣର ପ୍ରବର୍ତ୍ତକ। ତାଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ଯୋଗୁଁ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା। ତାଙ୍କ ପୂଣ୍ୟତିଥିରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ସକାଳୁ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି।

୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଜନ୍ମଲାଭ କରିଥିବା ମଧୁସୂଦନ ଦାସ ରାଜ୍ୟବାସୀଙ୍କ ମଧ୍ୟରେ ମଧୁ ବାରିଷ୍ଟର ନାମରେ ପରିଚିତ ଥିଲେ । ୧୯୩୪ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ତାଙ୍କର ଅଦମ୍ୟ ସଂଗ୍ରାମ ଓ ଦୂରଦୃଷ୍ଟି ସର୍ବଦା ପ୍ରେରଣାଦାୟୀ ହୋଇ ରହିବ।

ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି

ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆଜି ସଂଧ୍ୟାରେ ଲୋକସଂପର୍କ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହେବ ।

ଭଦ୍ରକ ସହରର ପୁରୁଣା କୋର୍ଟ ନିକଟରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

Desk

# ବିଶ୍ୱ କର୍କଟ ରୋଗ ଦିବସ

କର୍କଟ ରୋଗର କାରଣ ଏବଂ ନିରାକରଣ ଦିଗରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ କର୍କଟ ରୋଗ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି 'ଅନନ୍ୟତାରେ ଏକତା' । ୨୦୦୦ ମସିହା ଫେବୃୟାରୀ ୪ ତାରିଖରେ ପ୍ୟାରିସ୍‌ଠାରେ ପ୍ରଥମଥର ପାଇଁ ବିଶ୍ୱ କର୍କଟ ରୋଗ ଦିବସ ପାଳନ କରାଯାଇଥିଲା । ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହି ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ ସମ୍ଭବ । ବ୍ୟକ୍ତିଗତ ଏବଂ ସାମୂହିକସ୍ତରରେ  ପ୍ରୟାସ ଜାରି ରଖି କର୍କଟ ମୁକ୍ତ ଭବିଷ୍ୟତ ଗଠନ ଜରୁରୀ ହୋଇପଡ଼ିଛି । ସଚେତନତା ଓ ଦୃଢ଼ ନିଷ୍ପତ୍ତି ଦ୍ୱାରା କର୍କଟ ରୋଗ ସହ ଲଢ଼ିବା ପାଇଁ ବିଶ୍ୱ କର୍କଟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି ।

ଏହି ଦିବସ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି...

**- V/O –**

Ganjam

## ବେଲାଭୂମି ମହୋତ୍ସବ

ଗଞ୍ଜାମ ଜିଲ୍ଲାର ସୁନ୍ପୁର ବେଲାଭୂମି ମହୋତ୍ସବକୁ ବାଚସ୍ପତି ସୁରମା ପାଢ଼ି ଉଦ୍ଘାଟନ କରିଛନ୍ତି। କଳା, ସଂସ୍କୃତି ନୁହେଁ ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଭାଷା, ସାହିତ୍ୟ, ସଂସ୍କୃତି ଆନ୍ଦୋଳନ ସମସ୍ତ କ୍ଷେତ୍ରରେ ଗଞ୍ଜାମ ଶୀର୍ଷରେ ରହିଥାଏ ବୋଲି ବାଚସ୍ପତି କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ଇକୋ ଟୁରିଜିମ୍ ସହିତ ମେଡିକାଲ ଟୁରିଜିମ୍‌କୁ ମଧ୍ୟ ପ୍ରାଧାନ୍ୟ ଦେବା ଆବଶ୍ୟକ।

Malkangiri

## ମାଓବାଦୀ ଆତ୍ମସମର୍ପଣ

ମାଲକାନଗିରି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆଜି ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍’ଙ୍କ ନିକଟରେ ଜଣେ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛି। ମାଓବାଦୀ ଜଣକ ହେଲେ ଆଇତା ମାରକମ୍। ତାଙ୍କ ଘର ଛତିଶଗଡ଼ ରାଜ୍ୟର ସୁକୁମା ଜିଲ୍ଲା ଅନ୍ତର୍ଗତ ଗୋବିନ୍ଦପାଲ ଗ୍ରାମରେ। ସେ ଗତ ୨୦୧୦ ମସିହାରେ ମାଓ ସଂଗଠନରେ ସାମିଲ ହୋଇଥିଲେ।

ଆତ୍ମସମର୍ପଣକାରୀ ମାଓବାଦୀଙ୍କ ନାମରେ ସରକାର ୨୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ।

Desk

## ମାଓବାଦୀ

ସମ୍ବିଧାନ ଅନୁଯାୟୀ ଗଣତାନ୍ତ୍ରିକ ତଥା ଆଇନ୍‌ଗତ ବ୍ୟବସ୍ଥା ମଧ୍ୟରେ ସମାଜର ଉପେକ୍ଷିତ ବର୍ଗଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି ଓଡ଼ିଶା ମାଓବାଦୀ ରାଜ୍ୟ କମିଟିର ଦୁଇ ସଦସ୍ୟ ମତ ଦେଇଛନ୍ତି । ରାଜ୍ୟ ସରକାର ଏବଂ ଗୃହ ବିଭାଗକୁ ଲେଖିଥିବା ପତ୍ରରେ ନିଖିଲ ଓରଫ୍ ନିରଞ୍ଜନ ରାଉତ ଏବଂ ଇନ୍ଦୁ ଓରଫ୍ ଅଙ୍କିତା ଓରଫ୍ ରଶ୍ମିତା ଲେଙ୍କା କହିଛନ୍ତି, ସଶସ୍ତ୍ର ସଂଘର୍ଷ ପରିତ୍ୟାଗ କରି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଧିକାର ପାଇଁ ଆନ୍ଦୋଳନ ଜାରି ରଖିବା ସମୟୋପଯୋଗୀ ହେବ । ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ସେମାନେ ଜାରି ରଖିଥିବା ହିଂସାତ୍ମକ କାର୍ଯ୍ୟକପଳାରୁ ନିବୃତ୍ତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ନେଇ ଚିଠିରେ ଉଲ୍ଲେଖ କରିଛନ୍ତି । ତେବେ ସରକାରଙ୍କଠାରୁ ସକାରାତ୍ମକ ତଥା ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ମିଳିବା ପରେ ସେମାନେ ଆତ୍ମସମର୍ପଣ କରିବେ ବୋଲି କହିଛନ୍ତି । ଏଥିସହିତ ଅନ୍ୟ ସହଯୋଗୀଙ୍କୁ ହିଂସାତ୍ମକ କାର୍ଯ୍ୟକଳାପ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପ୍ରବର୍ତ୍ତାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସୁରକ୍ଷା ସହିତ ସମସ୍ତ ପ୍ରକାର ସରକାରୀ ସୁବିଧା

ଯୋଗାଇ ଦିଆଯିବ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଆଶ୍ୱାସନା ଦେଇଛନ୍ତି ।

Nabarangpur

## ସମ୍ପୂର୍ଣ୍ଣତା ଅଭିଯାନ

ନବରଙ୍ଗପୁର ଜିଲ୍ଲାର ଆକାଂକ୍ଷୀ ବ୍ଲକ ଡାବୁଗାଁରେ ଆଜିଠାରୁ ସମ୍ପୂର୍ଣ୍ଣତା ଅଭିଯାନ-୨.୦ ଆରମ୍ଭ ହୋଇଛି। ସରକାରୀ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପହଁଞ୍ଚାଇବା ଏହି ଅଭିଯାନର ମୂଳଲକ୍ଷ୍ୟ। ସମ୍ପୂର୍ଣ୍ଣତା ଅଭିଯାନ-୧.୦ରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ଡାବୁଗାଁରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆସୁଥିବା ବେଳେ ସମ୍ପୂର୍ଣ୍ଣତା ଅଭିଯାନ-୨.୦ ଦ୍ୱାରା ଏହାକୁ ଆହୁରି ସୁଦୃଢ଼ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

DHNKL

## ମହିମା ଧର୍ମ ସମାଜ

ଢେଙ୍କାନାଳ ଜିଲ୍ଲାର ମହିମା ଗାଦି ଜୋରନ୍ଦାରେ ସତ୍ୟ ମହିମା ଧର୍ମ ସମାଜ ପକ୍ଷରୁ ବାର୍ଷିକ ଧର୍ମସଭା ଆରମ୍ଭ ହୋଇଛି। ବୈଠକରେ ଉପାସନା ପୀଠଗୁଡ଼ିକରେ ବାର୍ଷିକ ନୀତି ସନ୍ନ୍ୟାନୀ ନିଯୁକ୍ତ କରାଯାଇଛି। ଏଥିସହ ମହିମା ସମାଜର ବିଭିନ୍ନ ବିଷୟରେ ଆଲୋଚନା ହୋଇଛି।